ଆୟକର ଆୟୁକ୍ତ, ତ୍ରିବାନ୍ଦ୍ରମ

ବନାମ

ରେଲିଶ୍ ଗୁଡ୍ସ

ମାର୍ଚ୍ଚ 11, ତାରିଖ 11 ମାର୍ଚ୍ଚ 1999

[ଏସ୍.ପି. ଭାରୁଚା, ଏସ୍.ଏସ୍. ମୋହମ୍ମଦ କ୍ୱାଦ୍ରି ଓ ଆର୍.ସି. ଲାହୋଟି, ନ୍ୟାୟମୂର୍ତ୍ତିବୃନ୍ଦ]

*ଆୟକର ଅଧିନିୟମ, 1961 :*

*ଧାରା 80HH — ଚିଙ୍ଗୁଡ଼ି ଚୋପା ଛଡ଼ାଇବା ଓ ହିମୀକୃତ କରିବା — ନିର୍ଦ୍ଧାରିତ ହେଲା ଯେ ଏହା ଉତ୍ପାଦନ କାର୍ଯ୍ୟରେ ଶାମିଲ ନୁହେଁ — ତେଣୁ କର ଦାତା ଭତ୍ତା ପାଇବାକୁ ଯୋଗ୍ୟ ନୁହେଁ।*

**ଉତ୍ତରଦାତା-କର ଦାତା ଚିଙ୍ଗୁଡ଼ି ବ୍ୟବସାୟରେ ନିୟୋଜିତ ଥିଲେ। କର ଦାତା ଚିଙ୍ଗୁଡ଼ି କିଣିବା ପରେ ସେଗୁଡ଼ିକୁ ଚୋପା ଛଡାଇ ଓ ହିମୀକୃତ କରୁଥିଲେ। 1977-78 ମୂଲ୍ୟାୟନ ବର୍ଷରେ କର ଦାତା ଆୟକର ଅଧିନିୟମ, 1961 ର ଧାରା 80HH ଅନୁସାରେ ଭତ୍ତା ଦାବି କରିଥିଲେ, ଏହି ଆଧାରରେ ଯେ ସେ ଉତ୍ପାଦନ/ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଏକ ଶିଳ୍ପ ପ୍ରତିଷ୍ଠାନ । ଆୟକର ଅଧିକାରୀ ଏହି ଦାବିକୁ ପ୍ରତ୍ୟାଖ୍ୟାନ କଲେ, କିନ୍ତୁ ଆୟକର ଆୟୁକ୍ତ (ଆବେଦନ) ଏବଂ ଆୟକର ଅପିଲୀୟ ନ୍ୟାୟାଧିକରଣ କର ଦାତାଙ୍କ ପକ୍ଷରେ ରାୟ ଦେଲେ। ଏହାରେ ଅସନ୍ତୁଷ୍ଟ ହୋଇ ରାଜସ୍ୱ ବର୍ତ୍ତମାନର ଏହି ଆବେଦନ ଦାଖଲ କଲା।**

**ଆବେଦନକୁ ଅନୁମୋଦନ କରି, ଏହି ନ୍ୟାୟାଳୟ**

**ରାୟ ଦେଲେ 1.1 ନଥି ଉପରେ ଏହା ସୂଚିତ କରୁଥିବା କୌଣସି ବିବରଣୀ ନାହିଁ ଯେ କରଦାତା କିଣିଥିବା ଚିଙ୍ଗୁଡ଼ିଗୁଡ଼ିକୁ ସେ କେମିତି ପ୍ରକ୍ରିୟାରେ କରୁଥିଲେ; କେବଳ ଏତିକି ସରଳ ବକ୍ତବ୍ୟ ରହିଛି ଯେ ସେଗୁଡ଼ିକୁ ଚୋପ ଛଡାଯାଇ ଓ ହିମୀକୃତ କରାଯାଉଥିଲା । ତେଣୁ କର ଦାତାଙ୍କ ଦ୍ୱାରା ଚିଙ୍ଗୁଡ଼ି କିଣିବା ଓ ପ୍ରକ୍ରିୟାକରଣକୁ ଉତ୍ପାଦନ ବୋଲି ଧାରଣ କରି ଭତ୍ତା ପାଇବାକୁ ଯୋଗ୍ୟ ବୋଲି ଉଚ୍ଚ ନ୍ୟାୟାଳୟ ଯେଉଁ ମତ ପ୍ରକାଶ କରିଥିଲେ, ସେହି ମତ ସଠିକ୍ ନୁହେଁ।**

*ଷ୍ଟରଲିଂ ଫୁଡ୍ସ ବନାମ କର୍ଣ୍ଣାଟକ ରାଜ୍ୟ ଓ ଅନ୍ୟମାନେ, **(1986)*** **63 S.T.C. 239, ଉପରେ ଭରସା କରାଗଲା।**

*ଆୟକର ଆୟୁକ୍ତ ବନାମ ଷ୍ଟରଲିଂ ଫୁଡ୍ସ (Goa), **(1995)*** **213 I.T.R. 851, ମଞ୍ଜୁର କରାଗଲା।**

*ଆୟକର ଆୟୁକ୍ତ ବନାମ ମାରୱେଲ ସି ଫୁଡ୍ସ* ***[(1987) 166 ଆଇ.ଟି.ଆର. 624]*****,ମାମଲାର ବୈଶିଷ୍ଟ୍ୟକୁ ଦର୍ଶାଗଲା ।**

**1.2 କରଦାତାଙ୍କ ଉପସ୍ଥାପନା ଯେ ଏହି ଯୋଜନା ସମ୍ବନ୍ଧରେ ଯେ ମାମଲାଟିକୁ ଉଚିତ କର୍ତ୍ତୃପକ୍ଷଙ୍କ ନିକଟକୁ ପୁନଃ ପ୍ରେରଣ କରାଯାଉ ଯାହାଦ୍ୱାରା ସେ କିଣିଥିବା ଚିଙ୍ଗୁଡ଼ିଗୁଡ଼ିକୁ କେମିତି ପ୍ରକ୍ରିୟାକରଣ କରାଯାଇଥିଲା ସେଥିପାଇଁ ବିସ୍ତୃତ ପ୍ରମାଣ ପ୍ରଦାନରେ ସମର୍ଥ ହେବେ କରିପାରିବେ, ସେଥିପାଇଁ ଏହା ବହୁତ ବିଳମ୍ବ ହୋଇଯାଇଛି, କାରଣ ସମ୍ବନ୍ଧିତ ମୂଲ୍ୟାୟନ ବର୍ଷ 1977-78 ସମ୍ପର୍କରେ ଏପରି କାର୍ଯ୍ୟ ଏହି ପର୍ଯ୍ୟାୟରେ ସମ୍ଭବ ନୁହେଁ।**

ଦେୱାନୀ ଆବେଦନ କ୍ଷେତ୍ରାଧିକରିତା :ଦେୱାନୀ ଆବେଦନ ସଂଖ୍ୟା 3255 ର 1995।

କେରଳ ଉଚ୍ଚ ନ୍ୟାୟାଳୟଙ୍କ 16.3.89 ତାରିଖର ରାୟ ଏବଂ ଆଦେଶ ବିରୋଧରେ, ଆଇ.ଟି.ଆର୍. ସଂଖ୍ୟା 310 ର 1982 ରୁ।

ଆବେଦନକାରୀଙ୍କ ପକ୍ଷରେ  ବି. କୃଷ୍ଣ ପ୍ରସାଦ।

ଉତ୍ତରଦାତାଙ୍କ ପକ୍ଷରେ ଇ.ଏମ୍.ଏସ୍. ଆନମ୍ ।

ନ୍ୟାୟାଳୟର ରାୟ **ନ୍ୟାୟମୂର୍ତ୍ତି ଏସ୍.ପି. ଭାରୁଚାଙ୍କ** ଦ୍ବାରା ପ୍ରଦାନ କରାଗଲା ।

ଏହି ରାଜସ୍ୱ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ, ଯାହା 1977-78 ମୂଲ୍ୟାୟନ ବର୍ଷ ସହ ସମ୍ବନ୍ଧିତ, ଆମେ କେବଳ ନିମ୍ନଲିଖିତ ପ୍ରଶ୍ନ ସହିତ ସମ୍ପୃକ୍ତ —

"ମାମଲାର ତଥ୍ୟ ଓ ପରିସ୍ଥିତି ଆଧାରରେ —

(i) କର ଦାତାଙ୍କ ବ୍ୟବସାୟ କି 'ଉତ୍ପାଦନ' ସହ ସମ୍ପୃକ୍ତ?

(ii) କର ଦାତା କି ଆୟକର ଅଧିନିୟମ, 1961 ର ଧାରା 80HH ଅନୁସାରେ ରିହାତି ପାଇବାକୁ ଯୋଗ୍ୟ?"

କର ଦାତା ଏହି ଆଧାରରେ ଆୟକର ଅଧିନିୟମ, 1961 ର ଧାରା 80HH ଅନୁସାରେ ଭତ୍ତା ଦାବି କରିଥିଲେ ଯେ ସେ ଏକ ଶିଳ୍ପ ପ୍ରତିଷ୍ଠାନ ଯାହା ପଦାର୍ଥ ନିର୍ମାଣ/ଉତ୍ପାଦନ କରୁଥାଏ। ନ୍ୟାୟାଧିକରଣର ରାୟରୁ ଏହା ପ୍ରତୀତ ହୁଏ ଯେ କର ଦାତା ଚିଙ୍ଗୁଡ଼ି କିଣି ସେଗୁଡ଼ିକୁ ଚୋପା ଛଡାଇ ଏବଂ ହିମୀକୃତ କରୁଥିଲେ। ଏହା ବ୍ୟତୀତ ନଥି ଉପରେ ଏମିତି କୌଣସି ଅନ୍ୟ ତଥ୍ୟ ନାହିଁ ଯାହାରୁ ଏହା ପ୍ରକାଶ ପାଏ ଯେ କର ଦାତା ଦ୍ୱାରା ଆଉ କଣ କାର୍ଯ୍ୟ କରାଯାଇଥିଲା ଏବଂ କେମିତି କରାଯାଇଥିଲା। ଆୟକର ଅଧିକାରୀ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। କିନ୍ତୁ ଆୟକର ଆୟୁକ୍ତ (ଆବେଦନ) ଏବଂ ଆୟକର ଅପିଲୀୟ ନ୍ୟାୟାଧିକରଣ ଏହି ଦାବିକୁ କାଏମ ରଖିଥିଲେ।

ନ୍ୟାୟାଧିକରଣର ଆଦେଶରୁ ଉପରୋକ୍ତ ପ୍ରଶ୍ନଟି ଉଚ୍ଚ ନ୍ୟାୟାଳୟଙ୍କ ମତାମତ ପାଇଁ ପ୍ରେରଣ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟ ମନେ କଲେ ଯେ ଚିଙ୍ଗୁଡ଼ି କିଣିବା ଓ ପ୍ରକ୍ରିୟାକରଣ କାର୍ଯ୍ୟ ଉତ୍ପାଦନ ସହ ସମ୍ପୃକ୍ତ ଓ ଏହି କାରଣରୁ କର ଦାତା ଦାବି କରିଥିବା ଭତ୍ତା ପାଇବାକୁ ଯୋଗ୍ୟ। ଏହି ନିଷ୍ପତ୍ତି ଦେବା ସମୟରେ ସେମାନେ *ଆୟକର ଆୟୁକ୍ତ ବନାମ ମାରୱେଲ 11 ସି ଫୁଡ୍ସ* [(1987) 166 ଆଇ.ଟି.ଆର. 624] ମାମଲାରେ ଦିଆଯାଇଥିବା ନିଜ ପୂର୍ବତନ ରାୟକୁ ଅନୁସରଣ କରିଥିଲେ।

*ମାରୱେଲ ସି ଫୁଡ୍ସ* (ଉପରୋକ୍ତ) ମାମଲାରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ରାୟରୁ ଆମେ ଦେଖୁଛୁ ଯେ ମାରୱେଲ ସି ଫୁଡ୍ସ କର ଅଧିକାରୀମାନଙ୍କ ସମ୍ମୁଖରେ ଏହି ପ୍ରକ୍ରିୟାର ବିସ୍ତୃତ ବର୍ଣ୍ଣନା ପ୍ରଦାନ କରିଥିଲେ, ଯାହା ଦ୍ୱାରା ଚିଙ୍ଗୁଡିଗୁଡ଼ିକୁ ରପ୍ତାନି ପାଇଁ ପ୍ରସ୍ତୁତ କରାଯାଉଥିଲା। ଅପିଲୀୟ କର୍ତ୍ତୃପକ୍ଷମାନେ ମଧ୍ୟ ସେହି ଚିଙ୍ଗୁଡିଗୁଡ଼ିକ ଯେଉଁ ପର୍ଯ୍ୟାୟଗୁଡ଼ିକ ମାଧ୍ୟମରେ ଯାଉଥିଲେ ସେଗୁଡ଼ିକୁ ଉତ୍ପାଦନ କିମ୍ବା ନିର୍ମାଣ ସମ୍ପର୍କିତ ପ୍ରକ୍ରିୟା ବୋଲି ବୁଝିଥିଲେ। ଉଚ୍ଚ ନ୍ୟାୟାଳୟ ଏହି ମତ ପ୍ରକାଶ କରିଥିଲେ ଯେ ନ୍ୟାୟାଧିକରଣ ଯେତେବେଳେ A.A.C. ଙ୍କ ନିଷ୍ପତ୍ତିକୁ ସ୍ଥିର କରିଥାଏ, ସେତେବେଳେ ସେହି ନିଷ୍ପତ୍ତି ଯଦି ପ୍ରକାଶ୍ୟ ଭାବେ ଅସଙ୍ଗତ ନୁହେଁ, ତେବେ ତାହାର ସଠିକତାକୁ ସନ୍ଦେହ କରିବାରେ ଅତ୍ୟନ୍ତ ସାବଧାନ ହେବା ଉଚିତ।

ଯଥା ପୂର୍ବରୁ ଉଲ୍ଲେଖ କରାଗଲା, ଆମ ସମ୍ମୁଖରେ ଥିବା ନଥି ଉପରେ ଏହି ବିଷୟରେ କୌଣସି ବିସ୍ତୃତ ବର୍ଣ୍ଣନା ନାହିଁ ଯେ କର ଦାତା ତାଙ୍କ କିଣିଥିବା ଚିଙ୍ଗୁଡ଼ିଗୁଡ଼ିକ ସହ କଣ କରୁଥିଲେ; କେବଳ ଏତିକି ସରଳ ବକ୍ତବ୍ୟ ରହିଛି ଯେ ସେଗୁଡ଼ିକୁ ଚୋପା ଛଡାଇ ଓ ହିମୀକୃତ କରାଯାଉଥିଲା। ଆମେ ଅଧିବକ୍ତାଙ୍କ ଦିଆଯାଇଥିବା ଏହି ଉକ୍ତିକୁ ଗ୍ରହଣ କରିପାରୁ ନାହିଁ ଯେ କର ଦାତା ଯେ ପ୍ରକ୍ରିୟାରେ ଚିଙ୍ଗୁଡ଼ିକୁ ପ୍ରକ୍ରିୟାକରଣ କରୁଥିଲେ, ସେହି ପ୍ରକ୍ରିୟା ମାରୱେଲ ସି ଫୁଡ୍ସ ତାଙ୍କ ଚିଙ୍ଗୁଡିଗୁଡ଼ିକ ପାଇଁ ଯେପରି ବ୍ୟବହାର କରୁଥିଲେ ସେହି ପ୍ରକ୍ରିୟା ଥିଲା।

ଏହା ସହିତ, ଏହି ନ୍ୟାୟାଳୟଙ୍କ ଷ୍ଟରଲିଂ ଫୁଡ୍ସ ବନାମ କର୍ଣ୍ଣାଟକ ରାଜ୍ୟ ଓ ଅନ୍ୟମାନେ, (1986) 63 S.T.C. 239 ମାମଲାରେ ଦିଆଯାଇଥିବା ରାୟ ମଧ୍ୟ ରହିଛି, ଯେଉଁଠାରେ ଏହା ନିର୍ଦ୍ଧାରଣ କରାଯାଇଛି ଯେ ପ୍ରକ୍ରିୟାକୃତ କିମ୍ବା ହିମୀକୃତ ଚିଙ୍ଗୁଡ଼ି ବାଣିଜ୍ୟିକ ଦୃଷ୍ଟିରୁ କଞ୍ଚା ଚିଙ୍ଗୁଡ଼ି ସହ ସମାନ ପଦାର୍ଥ ବୋଲି ଗଣାଯାଏ। କଞ୍ଚା ଚିଙ୍ଗୁଡ଼ି ଓ ଚିଙ୍ଗୁଡିଗୁଡ଼ିକୁ ମୁଣ୍ଡ ଓ ପୁଚ୍ଛ କାଟିବା, ଚୋପା ଛଡ଼ାଇବା, ନସା ବାହାର କରିବା, ପରିଷ୍କାର କରିବା ଓ ହିମୀକୃତ କରିବା ପ୍ରକ୍ରିୟାରେ ରଖାଯାଇଥିଲେ ମଧ୍ୟ ସେଗୁଡ଼ିକ ଚିଙ୍ଗୁଡ଼ି ରୂପରେ ଥିବା ସ୍ୱଭାବକୁ ହରାଇ ଅନ୍ୟ କୌଣସି ଭିନ୍ନ ପଦାର୍ଥରେ ପରିଣତ ହୁଏ ନାହିଁ। କଞ୍ଚା ଚିଙ୍ଗୁଡ଼ି ଏବଂ ପ୍ରକ୍ରିୟାକୃତ କିମ୍ବା ହିମୀକୃତ ଚିଙ୍ଗୁଡ଼ି ମଧ୍ୟରେ କୌଣସି ମୂଳତଃ ପ୍ରଭେଦ ନାହିଁ। ସାଧାରଣ ଭାଷାରେ ସେଗୁଡ଼ିକୁ ଏପରିକି ଚିଙ୍ଗୁଡ଼ି ବୋଲି ହିଁ ଜଣାଯାଏ। *ଷ୍ଟରଲିଂ ଫୁଡ୍ସ* (ଉପରୋକ୍ତ) ମାମଲାରେ ଦିଆଯାଇଥିବା ଏହି ରାୟକୁ ବମ୍ବେ ଉଚ୍ଚ ନ୍ୟାୟାଳୟ *ଆୟକର ଆୟୁକ୍ତ ବନାମ ଷ୍ଟରଲିଂ ଫୁଡ୍ସ (ଗୋଆ),* [1995] 213 I.T.R. 851 ମାମଲାରେ ଆୟକର

ଅଧିନିୟମର ଧାରା 80HH ଅନୁସାରେ ଦାବି ନିର୍ଣ୍ଣୟ କରିବାବେଳେ ସଠିକ୍ ଭାବେ ପ୍ରୟୋଗ କରିଥିଲେ ଏବଂ ଏହା ଧାରଣ କରିଥିଲେ ଯେ ଚିଙ୍ଗୁଡି ପ୍ରକ୍ରିୟାକରଣ କାର୍ଯ୍ୟ ନିର୍ମାଣ କିମ୍ବା ଉତ୍ପାଦନ କାର୍ଯ୍ୟ ନୁହେଁ।

ଆମର ମତ ହେଉଛି ଯେ ଏହି ନ୍ୟାୟାଳୟଙ୍କ ସ୍ଟରଲିଂ ଫୁଡ୍ସ (ଉପରୋକ୍ତ) ମାମଲାରେ ଦିଆଯାଇଥିବା ରାୟଟି ଆମକୁ ନିର୍ଣ୍ଣୟ କରିବାକୁ ଥିବା ପ୍ରଶ୍ନ ସହ ସମ୍ପୃକ୍ତ ଏବଂ ଆମ ସମ୍ମୁଖରେ ଥିବା ସାମଗ୍ରୀ ଆଧାରରେ ଆମେ ଆବେଦନାଧୀନ ରାୟରେ ଉଚ୍ଚ ନ୍ୟାୟାଳୟ ନେଇଥିବା ମତକୁ ଓଲଟାଇବାକୁ ବାଧ୍ୟ ।

କର ଦାତାଙ୍କ ପକ୍ଷରେ ଉପସ୍ଥିତ ବିଦ୍ୱାନ ଅଧିବକ୍ତା ଯୁକ୍ତି ଦେଲେ ଯେ ମାମଲାଟିକୁ ଉଚିତ କର୍ତ୍ତୃପକ୍ଷଙ୍କ ନିକଟକୁ ପୁନଃ ପ୍ରେରଣ କରାଯାଉ ଯାହାଦ୍ୱାରା କର ଦାତା ତାଙ୍କ କିଣିଥିବା ଚିଙ୍ଗୁଡ଼ିଗୁଡ଼ିକୁ କେମିତି ପ୍ରକ୍ରିୟାରେ ରଖାଯାଇଥିଲା ସେଥିପାଇଁ ବିସ୍ତୃତ ପ୍ରମାଣ ପ୍ରଦାନ କରିପାରିବେ। କିନ୍ତୁ ଆମର ମତ ହେଉଛି ଯେ ଯେହେତୁ ଆମେ ଯେ ମୂଲ୍ୟାୟନ ବର୍ଷ ସହ ସମ୍ପୃକ୍ତ ଅଛୁ ତାହା ପ୍ରତି ଏପରି କାର୍ଯ୍ୟ କରିବା ପାଇଁ ବର୍ତ୍ତମାନ ବହୁତ ବିଳମ୍ବ ହୋଇଯାଇଛି।

ଏହିପରି ସ୍ଥିତିରେ ଆବେଦନକୁ ଅନୁମୋଦନ କରାଯାଉଛି । ଆବେଦନାଧୀନ ରାୟ ଓ ଆଦେଶକୁ ସେହି ସୀମା ପର୍ଯ୍ୟନ୍ତ ବାତିଲ କରାଯାଉଛି ଯେପର୍ଯ୍ୟନ୍ତ ଏହା ଉକ୍ତ ପ୍ରଶ୍ନ ସହ ସମ୍ବନ୍ଧିତ। ଉକ୍ତ ପ୍ରଶ୍ନର ଉଭୟ ଅଂଶରେ ଉତ୍ତର ନାକାରାତ୍ମକ ଭାବେ ଏବଂ ରାଜସ୍ୱ ସପକ୍ଷରେ ଦିଆଯାଉଛି।

ଖର୍ଚ୍ଚ ସମ୍ପର୍କରେ କୌଣସି ଆଦେଶ ନାହିଁ ।

ଆର୍.ପି. ଆବେଦନ ଅନୁମୋଦିତ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।